# NATIONAL NEWS BULLETIN (ODIA)

## 13 August - 2025

### Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ଡିଜିଟାଲ ଭବିଷ୍ୟତକୁ ସଶକ୍ତ ଏବଂ ନବସୃଜନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟନେଇ ଭାରତ ଏକ ଇକୋ ସିଷ୍ଟମ ପ୍ରସ୍ତୁତ କରୁଛି - କହିଲେ ପ୍ରଧାନମନ୍ତ୍ରୀ ।
- କୃଷକଙ୍କ ସ୍ୱାର୍ଥରକ୍ଷା କ୍ଷେତ୍ରରେ ସରକାରଙ୍କ ନିର୍ଣ୍ଣାୟକ ପଦକ୍ଷେପକୁ ସ୍ୱାଗତ କରିଛି କୃଷକ ସମାଜ ।
- ନୂଆଦିଲ୍ଲୀଠାରେ ଆଜି ଅନୁଷ୍ଠିତ ହେବ ଭାରତ-ସିଙ୍ଗାପୁର ମନ୍ତ୍ରୀସ୍ତରୀୟ ତୃତୀୟ ପର୍ଯ୍ୟାୟ ଗୋଲ୍‌ଟେବୁଲ ବୈଠକ ।
- ନିର୍ବାଚନ ଆୟୋଗ ଏବଂ ଏନ୍‌ସିପି ପ୍ରତିନିଧି ମଣ୍ଡଳୀଙ୍କ ମଧ୍ୟରେ ଆଲୋଚନା ଅନୁଷ୍ଠିତ ।

ଏବଂ

- ଆସନ୍ତା ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ସୁବ୍ରତୋ କପ୍ ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ।

# ପିଏମ୍-ସେମିକଣ୍ଡକ୍ଟର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି କରୁଛି । ଡିଜିଟାଲ ଭବିଷ୍ୟତକୁ ଶକ୍ତିଶାଳୀ କରିବା ଏବଂ ନବସୃଜନକୁ ତ୍ୱରାନ୍ୱିତ କରିବା ପାଇଁ ଏକ ଇକୋ ସିଷ୍ଟମ ଭାରତ ନିର୍ମାଣ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଆନ୍ଧ୍ରପ୍ରଦେଶ, ଓଡ଼ିଶା ଏବଂ ପଞ୍ଜାବ ସେମି କଣ୍ଡକ୍ଟର ପ୍ରକଳ୍ପକୁ ଅନୁମୋଦନ ସମ୍ପର୍କିତ କ୍ୟାବିନେଟ୍ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି । ସେମିକଣ୍ଡକ୍ଟର କ୍ଷେତ୍ରରେ ଉତ୍ପାଦର କ୍ଷମତା ବୃଦ୍ଧି ପାଇବା ସହ ଉଚ୍ଚକୁଶଳୀ ନିଯୁକ୍ତି କ୍ଷେତ୍ର ସୃଷ୍ଟି ଏବଂ ଯୋଗାଣ ଶୃଙ୍ଖଳରେ ବିଶ୍ୱସ୍ତରରେ ଭାରତ ନିଜକୁ ଅଗ୍ରଣୀ କରିପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଓଡ଼ିଶା, ପଞ୍ଜାବ ଏବଂ ଆନ୍ଧ୍ରପ୍ରଦେଶରେ ୪ହଜାର ୫୯୪କୋଟି ଟଙ୍କା ବ୍ୟୟ ଅଟକଳରେ ୪ଟି ନୂତନ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍‌କୁ କେନ୍ଦ୍ର କ୍ୟାବିନେଟ୍ ଗତକାଲି ମଞ୍ଜୁରୀ ପ୍ରଦାନ କରିଛି । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି ଉତ୍ତରପ୍ରଦେଶରେ ଲକ୍ଷ୍ନୌ ମେଟ୍ରୋ ରେଳ ପ୍ରକଳ୍ପ ପର୍ଯ୍ୟାୟ ୱାନ୍-ବିକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ପ୍ରାୟ ୫ହଜାର ୮୦୧ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ଅଧୀନରେ ୧୨ଟି ଷ୍ଟେସନ ନିର୍ମାଣ କରାଯିବ । ଏଥିପାଇଁ ୫ବର୍ଷର ସମୟସୀମା ଧାର୍ଯ୍ୟ କରାଯାଇଛି । ଅରୁଣାଚଳପ୍ରଦେଶର ସିଓମି ଜିଲ୍ଲାରେ ୬ବର୍ଷ ମଧ୍ୟରେ ନିର୍ମାଣହେବାକୁ ଥିବା ୭୦୦ ମେଗାୱାଟ

କ୍ଷମତା ବିଶିଷ୍ଟ ଟାଟୋ-ଦ୍ୱିତୀୟ ଜଳବିଦ୍ୟୁତ୍ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

## ଫାର୍ମର୍ସ ଗଭ୍ ମିଟ୍

ଦେଶର କୃଷକଙ୍କ ସ୍ୱାର୍ଥରକ୍ଷା କ୍ଷେତ୍ରରେ ସରକାରଙ୍କ ନିର୍ଣ୍ଣାୟକ ପଦକ୍ଷେପକୁ କୃଷକ ସମାଜ ସ୍ୱାଗତ କରିଛି । ଆନ୍ତର୍ଜାତିକ ସ୍ତରରେ ଚାପ ସତ୍ତ୍ୱେ ବାଣିଜ୍ୟ ଚୁକ୍ତିନାମା ନେଇ ଦୃଢ଼ ନିଷ୍ପତ୍ତି ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃଷକମାନେ ଧନ୍ୟବାଦ ଜଣାଇଛନ୍ତି । ନୂଆଦିଲ୍ଲୀଠାରେ ଗତକାଲି କୃଷକ ସଂଗଠନ ନେତା ଓ କର୍ମୀଙ୍କର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମାବେଶ ଅବସରରେ ସଂଗଠନର କର୍ମକର୍ତ୍ତା, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ । ଶ୍ରୀ ଚୌହାନ ଏହି ଅବସରରେ କହିଛନ୍ତି ନକଲି ସାର ଓ ରସାୟନିକ ପଦାର୍ଥ ଉତ୍ପାଦନକୁ ପ୍ରତିହତ କରିବା ଲାଗି ସରକାର ଖୁବ୍‌ଶୀଘ୍ର ଏକ ନୂତନ ଆଇନ୍ ପ୍ରଣୟନ କରିବେ । ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ ଚାଷୀଙ୍କୁ ପ୍ରଦାନ କରାଯାଉଥିବା ଡିଜିଟାଲ ମାଧ୍ୟମରେ ବୀମା ରାଶି ସମ୍ପର୍କରେ ଉଲ୍ଲେଖକରି ମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି କୃଷକ କଲ୍ୟାଣକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି । ଭାରତକୁ ବିଶ୍ୱସ୍ତରରେ ଖାଦ୍ୟର ଏକ ପେଣ୍ଠସ୍ଥଳୀ ଭାବେ ପ୍ରତିପାଦନ କରିବାକୁ କୃଷକଙ୍କ ଅବଦାନର ଶ୍ରୀ ଚୌହାନ ଉଚ୍ଚ ପ୍ରଶଂସା କରିଛନ୍ତି ।

## ଇଣ୍ଡିଆ-ସିଙ୍ଗାପୁର

ଭାରତ-ସିଙ୍ଗାପୁର ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକର ତୃତୀୟ ପର୍ଯ୍ୟାୟ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ । ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ପ୍ରମୁଖ ଏହି ବୈଠକରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ବୈଦେଶିକ ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ସିଙ୍ଗାପୁରର ଉପ-ପ୍ରଧାନମନ୍ତ୍ରୀ ଗାନ୍ କିମ୍ ୟୋଙ୍ଗୋ ଏବଂ ବୈଦେଶିକ ମନ୍ତ୍ରୀ ଯୋଶେଫାଇନ ତେଓ ଏହି ବୈଠକରେ ଅଂଶଗ୍ରହଣ କରିବେ । ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ନୂତନ ମାର୍ଗ ଉନ୍ମୋଚନ କରିବା ତଥା ବିଭିନ୍ନ କ୍ଷେତ୍ରରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟନେଇ ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ବୈଠକରେ ମତ ବିନିମୟ ହେବ ।

୨୦୨୨ ମସିହା ସେପ୍ଟେମ୍ବର ମାସରେ ଭାରତ-ସିଙ୍ଗାପୁର ମନ୍ତ୍ରୀସ୍ତରୀୟ ଗୋଲଟେବୁଲ ଉଦ୍‌ଘାଟନୀ ବୈଠକ ଅନୁଷ୍ଠିତ ହୋଇଥିଲା ବୋଲି ମନ୍ତ୍ରଣାଳୟ କହିଛି ।

## ପିଏମ୍-ଉଜ୍‌ବେକ୍ ରାଷ୍ଟ୍ରପତି କଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ସାଭକତ ମିର୍ଜିୟୋୟେଭ ଗତକାଲି ଟେଲିଫୋନ୍ ଯୋଗେ ଆଲୋଚନା କରିଛନ୍ତି । ଆସନ୍ତା ଅଣାଅଶୀତମ ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ରାଷ୍ଟ୍ରପତି ସାଭକତ

ପ୍ରଧାନମନ୍ତ୍ରୀ ଏବଂ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଉଭୟ ନେତା ଦ୍ୱିପାକ୍ଷିକ ବାଣିଜ୍ୟ, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା, ସଂଯୋଗୀକରଣ ଆଦି ବିଭିନ୍ନ କ୍ଷେତ୍ରରେ ସମ୍ପର୍କ ନେଇ ମତ ବିନିମୟ କରିଛନ୍ତି । ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ମଧ୍ୟ ଉଭୟ ନେତା ଆଲୋଚନା କରଥିବା ଜଣାପଡିଛି ।

## ଇସିଆଇ-ଏନ୍‌ସିପି ମିଟ୍

ନିର୍ବାଚନ ଆୟୋଗ ଗତକାଲି ନୂଆଦିଲ୍ଲୀଠାରେ ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ଏନ୍‌ସିପିର ଏକ ପ୍ରତିନିଧି ମଣ୍ଡଳୀ ସହିତ ଆଲୋଚନା କରିଛନ୍ତି । ବିଭିନ୍ନ ଜାତୀୟ ଓ ରାଜନୈତିକ ଦଳ ପ୍ରତିନିଧିଙ୍କ ସହ ନିର୍ବାଚନ ଆୟୋଗଙ୍କ ଆଲୋଚନା ପରିପ୍ରେକ୍ଷୀରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ କମିଶନର ଡକ୍ଟର ସୁଖବିନ୍ଦର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ, ଏନ୍‌ସିପିର ସାଧାରଣ ସମ୍ପାଦକ ବ୍ରିଜମୋହନ ଶ୍ରୀବାସ୍ତବଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧିମଣ୍ଡଳୀ ସହ ମତ ବିନିମୟ କରିଛନ୍ତି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଗତ ଦେଢ଼ଶହଦିନ ମଧ୍ୟରେ ୪ହଜାର ୭୧୯ଟି ବିଭିନ୍ନ ରାଜନୈତିକ ଦଳ ସହ ବୈଠକ ଅନୁଷ୍ଠିତ ହୋଇଛି । ସେଥିମଧ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ୪୦ଟି, ଜିଲ୍ଲା ନିର୍ବାଚନ ଅଧୀକାରୀଙ୍କ ଦ୍ୱାରା ୮୦୦ଟି, ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ୩ହଜାର ୮ଶହ ଅଣାଅଶୀଟି ବୈଠକ ଅନ୍ତର୍ଭୁକ୍ତ । ବିଭିନ୍ନ ରାଜନୈତିକ ଦଳର ୨୮ହଜାରରୁ ଅଧିକ ପ୍ରତିନିଧି ଏହି ବୈଠକ ଗୁଡ଼ିକରେ ଯୋଗ ଦେଇଥିଲେ ।

## ବାଂଲାଦେଶ-ରେଷ୍ଟ୍ରିକସନ

ସ୍ଥଳପଥ ଦେଇ ବାଂଲାଦେଶରୁ ଝୋଟ ଉତ୍ପାଦ ଆମଦାନୀ ଉପରେ ଭାରତ ନିଷେଧାଦେଶ ଜାରି କରିଛି । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ କେବଳ ମହାରାଷ୍ଟ୍ରର ନହାଭା ସେଭା ବନ୍ଦର ଦେଇ ଝୋଟ ଉତ୍ପାଦ ବାଂଲାଦେଶରୁ ଭାରତକୁ ଆସିପାରିବ । ଘରୋଇ ଶିଳ୍ପର ଗୁଣବତ୍ତା ନିୟନ୍ତ୍ରଣ ଏବ ସୁରକ୍ଷାକୁ ଦୃଷ୍ଟିରେ ରଖି ମହାନିର୍ଦ୍ଦେଶାଳୟ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଗତ ଜୁନ୍ ୨୭ତାରିଖରେ ମଧ୍ୟ ସ୍ଥଳପଥ ଦେଇ ବାଂଲାଦେଶରୁ ଭାରତକୁ କୌଣସି ପ୍ରକାର ଝୋଟ ଉତ୍ପାଦନ ଆମଦାନୀ ଉପରେ ଭାରତ ପକ୍ଷରୁ ଏହି କଟକଣା ଜାରି କରାଯାଇଥିଲା ।

## ଉତ୍ତରାଖଣ୍ଡ ଉଦ୍ଧାର

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲା ଅନ୍ତର୍ଗତ ବିପର୍ଯ୍ୟୟ ପ୍ରଭାବିତ ଧରାଲି ଏବଂ ହର୍ଷିଲ ଅଞ୍ଚଳରେ ନିଖୋଜ ଲୋକଙ୍କର ସନ୍ଧାନ ଏବେମଧ୍ୟ ଜାରି ରହିଛି । ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧ହଜାର ୩୦୮ଜଣଙ୍କୁ ଇତିମଧ୍ୟର ଉଦ୍ଧାର କରାଯାଇ ସାରିଛି । ଉତ୍ତରକାଶୀ ଜିଲ୍ଲା ପ୍ରଶାସନ ନିଖୋଜ ଥିବା ୬୮ଜଣଙ୍କର ତାଲିକା ପ୍ରକାଶ କରିଛି । ସେଥିମଧ୍ୟରେ ୨୫ଜଣ ନେପାଳି ବଂଶୋଦ୍ଭବ ରହିଥିବା ଜଣାପଡିଛି । ପାଗ ପରିବର୍ତ୍ତନ ହେବା ପରେ ଗତକାଲି ମାଟଲି ହେଲିପ୍ୟାଡ୍‌ରୁ ପ୍ରଭାବିତ ଅଞ୍ଚଳକୁ ଖାଦ୍ୟ ଏବଂ ଅନ୍ୟାନ୍ୟ ରିଲିଫ ସାମଗ୍ରୀ ଆକାଶମାର୍ଗରେ ପଠାଯାଇଛି । ପ୍ରଭାବିତ ଅଞ୍ଚଳରେ କ୍ଷତିଗ୍ରସ୍ତ ହୋଇଥିବା ଅତ୍ୟାବଶ୍ୟକ ସେବା ଓ ଭିତ୍ତିଭୂମି

ଗୁଡ଼ିକର ପୁର୍ନଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିବା ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଇଣ୍ଡିଆ- ଅଷ୍ଟ୍ରେଲିଆ ଡାଏଲଗ

ନିରସ୍ତ୍ରୀକରଣ, ପରମାଣୁ ଅସ୍ତ୍ରର ପ୍ରସାରକୁ ବନ୍ଦ କରିବା ଏବଂ ରପ୍ତାନୀ ନିୟନ୍ତ୍ରଣ ନେଇ ଭାରତ–ଅଷ୍ଟ୍ରେଲିଆ ସପ୍ତମ ପର୍ଯ୍ୟାୟ ଆଲୋଚନା ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଉଭୟ ପକ୍ଷ ମଧ୍ୟରେ ପରମାଣୁ, ରାସାୟନିକ, ଜୈବିକ ନିରସ୍ତ୍ରୀକରଣ ଏବଂ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଉପଯୋଗ ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ବିକାଶ ଉପରେ ଆଲୋଚନା ହୋଇଛି । ଆଲୋଚନାରେ ଭାରତ ପକ୍ଷରୁ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ମୁଆନପୁଇ ସାୟାୱ୍ୱି ଏବଂ ଅଷ୍ଟ୍ରେଲିଆ ପକ୍ଷରୁ ରାଷ୍ଟ୍ରଦୂତ ଭାନେସା ଉଡ୍ ନେତୃତ୍ୱ ନେଇଥିଲେ।

## ସୁବ୍ରତୋ କପ୍ ଫୁଟବଲ

ସୁବ୍ରତୋ କପ୍ ଅନ୍ତର୍ଜାତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଟୁର୍ଣ୍ଣାମେଣ୍ଟର ଏହି ୬୪ତମ ସଂସ୍କରଣରେ ୧୦୬ଟି ଦଳ ଅଂଶଗ୍ରହଣ କରିବେ। ଦିଲ୍ଲୀ ଏନ୍‌ସିଆର୍ ଏବଂ ବେଙ୍ଗାଲୁରଠାରେ ୩ଟି ବର୍ଗର ମ୍ୟାଚ୍ ଖେଳାଯିବ । ଜୁନିୟର ବାଳକ ଏବଂ ବାଳିକା ଓ ସବ୍‌ଜୁନିୟର ବର୍ଗରେ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ । ୨୦୦ରୁ ଅଧିକ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ନୂଆଦିଲ୍ଲୀଠାରେ ଗତକାଲି ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି ।

## ଖେଳ ଖବର

ଚୀନ୍‌ର ଚେଙ୍ଗ୍‌ଡୁଠାରେ ଆୟୋଜିତ ୨୦୨୫ ବିଶ୍ୱ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ନମ୍ରତା ବାତ୍ରା ଗତକାଲି ରୌପ୍ୟପଦକ ହାସଲ କରିଛନ୍ତି । ମହିଳା ୫୨ କିଲୋଗ୍ରାମ ବର୍ଗରେ ନମ୍ରତା ଚୀନ୍ ପ୍ରତିଯୋଗୀ ମେଙ୍ଗ୍ୟୁ ଚେନ୍‌ଙ୍କ ଠାରୁ ଫାଇନାଲ ମୁକାବିଲାରେ ୨-୦ରେ ପରାସ୍ତ ହୋଇଛନ୍ତି । ପୁରୁଷ କମ୍ପାଉଣ୍ଡ ତୀରଚାଳନା ପ୍ରତିଯୋଗିତାରେ ରିସଭ ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଭାରତ ଏପର୍ଯ୍ୟନ୍ତ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୪ଟି ବ୍ରୋଞ୍ଜ ସହ ମୋଟ୍ ୭ଟି ପଦକ ହାସଲ କରିଛି ।

ଆଇସିସି ପୁରୁଷ ବର୍ଗରେ ଭାରତର ଟେଷ୍ଟ ଅଧିନାୟକ ଶୁଭମନ ଗିଲ୍‌ଙ୍କୁ ଜୁଲାଇ ମାସର ଶ୍ରେଷ୍ଠ ଖେଳାଳି ଭାବେ ମନୋନୀତ କରାଯାଇଛି । ଇଂଲଣ୍ଡର ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍‌ସ ଏବଂ ଦକ୍ଷିଣ ଆଫ୍ରିକାର ଅଲ୍‌ରାଉଣ୍ଡର ୱିଆନ୍ ମୁଲଡରଙ୍କୁ ପଛରେ ପକାଇ ଶ୍ରୀ ଗିଲ୍ ଏହି ମାନ୍ୟତା ହାସଲ କରିଛନ୍ତି ।

## ଆଇଏମ୍‌ଡି-ୱେଦର

ଜାମ୍ମୁକାଶ୍ମୀର, ଉତ୍ତରାଖଣ୍ଡ ଏବଂ ତେଲେଙ୍ଗାନାରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଜାମ୍ମୁକାଶ୍ମୀର ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଏବଂ ତେଲେଙ୍ଗାନାରେ ୧୭ତାରିଖ ପର୍ଯ୍ୟନ୍ତ ପ୍ରବଳରୁ ଅତିପ୍ରବଳ ବର୍ଷା

ହୋଇପାରେ । ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, ବିଦର୍ଭ, ବିହାର, ଛତିଶଗଡ, ପଶ୍ଚିମବଙ୍ଗର କେତେକ ଅଞ୍ଚଳ, ସିକ୍କିମ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ବିଭିନ୍ନ ସ୍ଥାନରେ ଆଜି ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି । ଛତିଶଗଡ, ବିଦର୍ଭ, କର୍ଣ୍ଣାଟକ, ଆଣ୍ଡାମାନ୍ ନିକୋବର ଦ୍ୱୀପପୁଞ୍ଜରେ ବଜ୍ରପାତ ସହ ଝଡ଼ବର୍ଷାର ସମ୍ଭାବନା ରହିଥିବାବେଳେ ଦିଲ୍ଲୀ ଏନ୍‌ସିଆର୍ ଅଞ୍ଚଳରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।